# ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା
# ନିଜ ଯୋଜନା ସମ୍ବନ୍ଧେ ଜାଣନ୍ତୁ

**୧) ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କ'ଣ ?**

"ପ୍ରତ୍ୟେକ ଜୀବନ ମୂଲ୍ୟବାନ" ଏହି ନୀତି ଉପରେ ମାନ୍ୟବର ମୁଖ୍ୟମନ୍ତ୍ରୀ ସଦା ସର୍ବଦା ଗୁରୁତ୍ୱ ଦେଇଛନ୍ତି ଏବଂ ତଦନୁସାରେ ରାଜ୍ୟର ଜନ ସାଧାରଣଙ୍କ ନିମନ୍ତେ ଯୋଜନା ପ୍ରଣୟନ କରାଯାଉଅଛି । ରାଜ୍ୟର ସମସ୍ତ ଜନ ସାଧାରଣ ବିଶେଷ କରି ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଏବଂ vulnerable ଲୋକ ମାନଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ନିମନ୍ତେ ମାନ୍ୟବର ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ବଦ୍ଧ । ସାର୍ବଜନୀନ ସ୍ୱାସ୍ଥ୍ୟ ସେବା (Universal Health Coverage) ଯୋଗାଇ ଦେବା ବିଶେଷ କରି ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଥିବା ପରିବାର ମାନଙ୍କର ସ୍ୱାସ୍ଥ୍ୟକୁ ସୁରକ୍ଷିତ କରିବା ନିମନ୍ତେ " ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା" ଏକ ଯୁଗାନ୍ତକାରୀ ପଦକ୍ଷେପ । ଏହି ଯୋଜନାର ଲକ୍ଷ୍ୟ ହାସଲ ନିମନ୍ତେ, ଏହାକୁ ଦୁଇଟି ଭାଗରେ ବିଭକ୍ତ କରାଯାଇଅଛି । ଏହି ଦୁଇଟି ଉପାଦାନ ହେଲା :-

**କ)** ସାର୍ବଜନୀନ ଦେୟ ମୁକ୍ତ ସ୍ୱାସ୍ଥ୍ୟ ସେବା ଓଡିଶାର ସମସ୍ତ ସରକାରୀ ସ୍ୱାସ୍ଥ୍ୟ ଉପକେନ୍ଦ୍ର ଠାରୁ ଆରମ୍ଭ କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ସମସ୍ତ ସରକାରୀ ମେଡିକାଲ୍ କଲେଜ ହସ୍ପିଟାଲ୍ ଓ ସରକାରୀ ବ୍ଲଡ୍‌ବ୍ୟାଙ୍କ ମାନଙ୍କରେ ସମସ୍ତଙ୍କ ନିମନ୍ତେ ଉପଲବ୍ଧ ।

**ଖ)** ସରକାରୀ ଚିକିତ୍ସାଳୟ ବ୍ୟତୀତ ରାଜ୍ୟ ସରକାରଙ୍କ ଦ୍ୱାରା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ପଞ୍ଜୀକୃତ ଘରୋଇ ଚିକିତ୍ସାଳୟ ମାଧ୍ୟମରେ ରାଜ୍ୟର ୯୨.୫ ଲକ୍ଷ ଆର୍ଥିକ ଦୃଷ୍ଟିରୁ ଅନଗ୍ରସର ପରିବାର ନିମନ୍ତେ ବାର୍ଷିକ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦେୟ ମୁକ୍ତ ସ୍ୱାସ୍ଥ୍ୟ ସେବା ଉପଲବ୍ଧ କରାଯାଇଅଛି । ଏହି ଅର୍ଥ ରାଶିର ଉପଯୋଗ ହେଇଗଲା ପରେ ପରିବାରର ମହିଳା ସଦସ୍ୟମାନେ ଅତିରିକ୍ତ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦେୟମୁକ୍ତ ଚିକିତ୍ସା ସେବା ପାଇପାରିବେ ।

**୨) ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଲାଗି କିଏ ଯୋଗ୍ୟ ?**

**କ)** ଓଡିଶାର ସମସ୍ତ ଜନସାଧାରଣ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ସମସ୍ତ ସରକାରୀ ମେଡିକାଲ୍ କଲେଜ ହସ୍ପିଟାଲ୍ ଓ ସରକାରୀ ବ୍ଲଡ୍ ବ୍ୟାଙ୍କ ସହିତ ସମସ୍ତ ସରକାରୀ ଚିକିତ୍ସାଳୟରେ ମାଗଣା ଚିକିତ୍ସା ପାଇବା ନିମନ୍ତେ ଯୋଗ୍ୟ ।

**ଖ)** ରାଜ୍ୟର ସମସ୍ତ BSKY ସ୍ମାର୍ଟ କାର୍ଡ ଧାରୀ ପରିବାର ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ପଞ୍ଜୀକୃତ ଘରୋଇ ଚିକିତ୍ସାଳୟ ମାନଙ୍କରେ ବାର୍ଷିକ ପରିବାର ପିଛା ୫ ଲକ୍ଷ ଟଙ୍କା ଏବଂ ଏହି ଅର୍ଥ ରାଶିର ଉପଯୋଗ ହୋଇଗଲା ପରେ ପରିବାରର ମହିଳା ସଦସ୍ୟ ମାନେ ଅତିରିକ୍ତ ୫ ଲକ୍ଷ ଟଙ୍କାର ଚିକିତ୍ସା ସହାୟତା ପାଇଁ ଯୋଗ୍ୟ ।

**୩) ଏହି ଯୋଜନାରେ ମିଳୁଥିବା ସୁବିଧା କ'ଣ ?**

**କ)** ସମସ୍ତ ସ୍ୱାସ୍ଥ୍ୟ ସେବା ଦେୟ ମୁକ୍ତ ଯଥା ମାଗଣା ଔଷଧ, ମାଗଣା ରୋଗ ନିରୂପଣ, ଅସ୍ତ୍ରୋପଚାର, ଆଇ.ସି.ୟୁ., ଅନ୍ତଃବିଭାଗରେ ରୋଗୀ ସେବା ଇତ୍ୟାଦି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ସମସ୍ତ ସରକାରୀ ମେଡିକାଲ୍ କଲେଜ ହସ୍ପିଟାଲ୍ ଓ ସରକାରୀ ବ୍ଲଡ୍ ବ୍ୟାଙ୍କ ସହିତ ସମସ୍ତ ସରକାରୀ ଚିକିତ୍ସାଳୟରେ ସମସ୍ତଙ୍କ ନିମନ୍ତେ ଉପଲବ୍ଧ ।

**ଖ)** ରାଜ୍ୟର ସମସ୍ତ BSKY ସ୍ମାର୍ଟ କାର୍ଡଧାରୀ ପରିବାର ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ପଞ୍ଜୀକୃତ ଘରୋଇ ଚିକିତ୍ସାଳୟରେ ପଞ୍ଜିକରଣ, ପରାମର୍ଶ ଡାକ୍ତରୀ ପରୀକ୍ଷା, ପାଥୋଲୋଜି, ଚିକିତ୍ସା ସେବା ଏବଂ ଚିକିତ୍ସା ପରବର୍ତ୍ତୀ ପରାମର୍ଶ ଆଦି ଦେୟ ମୁକ୍ତ ସେବା ପାଇପାରିବେ ।

**୪) ହିତାଧିକାରୀ ମାନେ ମାଗଣା ଚିକିତ୍ସା ସେବା କେଉଁଠାରେ ପାଇପାରିବେ ?**

**କ)** ସାର୍ବଜନୀନ ସ୍ୱାସ୍ଥ୍ୟ ସେବା ସ୍ୱାସ୍ଥ୍ୟ ଉପକେନ୍ଦ୍ର ଠାରୁ ଆରମ୍ଭ କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ସରକାରୀ ମେଡିକାଲ କଲେଜ ହସ୍ପିଟାଲ୍ ଓ ସରକାରୀ ବ୍ଲଡ୍ ବ୍ୟାଙ୍କ ପର୍ଯ୍ୟନ୍ତ ସମସ୍ତ ଚିକିତ୍ସାଳୟରେ ବିନା ଦେୟରେ ଉପଲବ୍ଧ ।

**ଖ)** ରାଜ୍ୟର ସମସ୍ତ BSKY ସ୍ମାର୍ଟ କାର୍ଡଧାରୀ ପରିବାର ରାଜ୍ୟ କିମ୍ବା ରାଜ୍ୟ ବାହାରେ ଥିବା ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଦ୍ୱାରା ପଞ୍ଜୀକୃତ ବେସରକାରୀ ଚିକିତ୍ସାଳୟରେ ଦେୟ ମୁକ୍ତ ଚିକିତ୍ସା ସହାୟତା ପାଇପାରିବେ ।

**୫) ଏହି ଯୋଜନାରେ ପଞ୍ଜୀକରଣ ବ୍ୟବସ୍ଥା ଅଛି କି ?**

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ନିମନ୍ତେ କୌଣସି ସିଧାସଳଖ ପଞ୍ଜୀକରଣ ବ୍ୟବସ୍ଥା ନାହିଁ । ତେବେ ଏହି ଯୋଜନା ମାଧ୍ୟମରେ ରାଜ୍ୟରେ ଥିବା ସମସ୍ତ ଜାତୀୟ ଖାଦ୍ୟ ନିରାପତ୍ତା ଯୋଜନା ଏବଂ ରାଜ୍ୟ ଖାଦ୍ୟ ନିରାପତ୍ତା ଯୋଜନାରେ ପଞ୍ଜୀକୃତ ପରିବାର ମାନଙ୍କୁ BSKY ସ୍ମାର୍ଟ କାର୍ଡ ବିତରଣ କରାଯାଇଛି । ଯଦି କାହାର BSKY ସ୍ମାର୍ଟ କାର୍ଡ ହଜିଯାଏ, କିମ୍ବା ନଷ୍ଟ ହୋଇଯାଇଥାଏ ସେମାନେ ନିର୍ଦ୍ଧାରିତ **''ମୋ ସେବା କେନ୍ଦ୍ର''** ରୁ NFSA / SFSS କାର୍ଡ ଜରିଆରେ ଏକ ନୂତନ କାର୍ଡ ପାଇପାରିବେ ।

**୬) ପଞ୍ଜୀକୃତ ଚିକିତ୍ସାଳୟରେ କିଏ ସହାୟତା ଯୋଗାଇ ଦେବେ ?**

ପଞ୍ଜୀକୃତ ଚିକିତ୍ସାଳୟର ସହାୟତା କେନ୍ଦ୍ରରେ ନିୟୋଜିତ ଥିବା ସ୍ୱାସ୍ଥ୍ୟମିତ୍ର ମାନେ ଏହି ଯୋଜନାର ହିତାଧିକାରୀ ମାନଙ୍କୁ ଉପଯୁକ୍ତ ଚିକିତ୍ସା ପାଇବା ଲାଗି ସଂପୂର୍ଣ୍ଣ ସହାୟତା ପ୍ରଦାନ କରିବେ ।

**୭) ଜରୁରୀକାଳୀନ ସମୟରେ ମୋ ପାଖରେ କାର୍ଡ ନଥିଲେ ମଧ୍ୟ କୌଣସି ପଞ୍ଜୀକୃତ ଚିକିତ୍ସାଳୟରେ ଦେୟ ମୁକ୍ତ ଚିକିତ୍ସା ପାଇପାରିବି କି ?**

ହଁ, ସମସ୍ତ BSKY ସ୍ମାର୍ଟ କାର୍ଡ ଧାରକ ମାନେ ଜରୁରୀକାଳିନ ସମୟରେ ମଧ୍ୟ ପଞ୍ଜୀକୃତ ଘରୋଇ ଚିକିତ୍ସାଳୟରେ ଦେୟ ମୁକ୍ତ ଚିକିତ୍ସା ପାଇବାକୁ ଯୋଗ୍ୟ ଅଟନ୍ତି । ଚିକିତ୍ସାଳୟରେ ଭର୍ତ୍ତୀ ହେବାର ୭୨ ଘଣ୍ଟା ମଧ୍ୟରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସହାୟତା କେନ୍ଦ୍ରରେ ଯୋଗ୍ୟତା ପ୍ରମାଣ ପତ୍ର ଭାବରେ BSKY ସ୍ମାର୍ଟକାର୍ଡ ଦାଖଲ କରି ପାରିବେ ।

**୮) ମୋ ପରିବାରର କେତେ ଜଣ ସଦସ୍ୟ BSKY ସ୍ମାର୍ଟ କାର୍ଡ ମାଧ୍ୟମରେ ଘରୋଇ ପଞ୍ଜୀକୃତ ଚିକିତ୍ସାଳୟରେ ଦେୟ ମୁକ୍ତ ଚିକିତ୍ସା ପାଇବା ପାଇଁ ଯୋଗ୍ୟ ଅଟନ୍ତି ?**

BSKY ସ୍ମାର୍ଟ କାର୍ଡ ପ୍ରଦାନ କରାଯାଉଥିବା ପରିବାରର ସମସ୍ତ ସଦସ୍ୟ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ପଞ୍ଜୀକୃତ ଯେକୌଣସି ଚିକିତ୍ସାଳୟରେ ପରିବାର ପିଛା ବାର୍ଷିକ ୫ ଲକ୍ଷ ଟଙ୍କାର ଚିକିତ୍ସା ସହାୟତା ପାଇପାରିବେ । ଏହି ଅର୍ଥ ରାଶିର ଉପଯୋଗ ହୋଇଗଲା ପରେ ପରିବାରର ମହିଳା ସଦସ୍ୟ ମାନେ ଅତିରିକ୍ତ ୫ ଲକ୍ଷ ଟଙ୍କାର ଚିକିତ୍ସା ସହାୟତା ପାଇପାରିବେ ।

**୯) ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଡ (BSKY Card) ହଜିଗଲେ କିମ୍ବା ନଷ୍ଟ ହୋଇଗଲେ ଆଉ ଗୋଟିଏ କାର୍ଡ କିପରି ପାଇବେ ?**

ଯଦି ଜଣେ ହିତାଧିକାରୀଙ୍କର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଡଟି ହଜିଯାଏ କିମ୍ବା ନଷ୍ଟ ହୋଇଯାଏ, ତେବେ ସେ ତାଙ୍କର ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା / ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା (NFSA / SFSS)ର କାର୍ଡକୁ ଦେଖାଇ ନିକଟତମ ନିର୍ଦ୍ଧାରିତ "ମୋ ସେବା କେନ୍ଦ୍ର" ରୁ ଆଉ ଗୋଟିଏ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନ କାର୍ଡ (ଡୁପ୍ଲିକେଟ କାର୍ଡ) ପାଇ ପାରିବେ ।

**୧୦) କାର୍ଡ ସମ୍ବନ୍ଧୀୟ ସୂଚନା କିପରି ପାଇବେ ଏବଂ ଯଦି କାର୍ଡରେ କିଛି ତ୍ରୁଟି ଥାଏ, ତା'ର ସଂଶୋଧନ କିପରି କରାଯାଇପରିବ ? କାର୍ଡରୁ ଜଣେ ସଦସ୍ୟଙ୍କୁ କିପରି ବାଦ୍ ଦିଆଯାଇପରିବ କିମ୍ବା ଜଣେ ସଦସ୍ୟଙ୍କୁ କିପରି ଯୋଡା ଯାଇ ପରିବ ?**

କାର୍ଡ ସମ୍ବନ୍ଧୀୟ ସୂଚନା ୱେବ୍-ପୋଟାଲ୍ www.bsky.odisha.gov.in କିମ୍ବା "ମୋ ସେବା କେନ୍ଦ୍ର" ରୁ ପାଇପାରିବେ । ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା / ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାର କାର୍ଡ ଦେଖାଇ ନିର୍ଦ୍ଧାରିତ "ମୋ ସେବା କେନ୍ଦ୍ର" ରେ କାର୍ଡରେ ଥିବା ତ୍ରୁଟିକୁ ସଂଶୋଧନ କରାଯାଇପରିବ । ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଡରେ ଉପଲବ୍ଧ ତଥ୍ୟର ପରିବର୍ତ୍ତନ କରିବାକୁ ହେଲେ, ଜଣେ ହିତାଧିକାରୀଙ୍କୁ ପ୍ରଥମେ ଜାତୀୟ ଖାଦ୍ୟ ସୁରକ୍ଷା / ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାର କାର୍ଡରେ ଥିବା ତଥ୍ୟର ପରିବର୍ତ୍ତନ ବା ସଂଶୋଧନ କରିବାକୁ ପଡିବ ।

**୧୧) BSKY ସ୍ମାର୍ଟ ହେଲଥ କାର୍ଡ ବ୍ୟବହାର କରି ଚିକିତ୍ସା ସେବା ପାଇବା ପାଇଁ ପଞ୍ଜୀକୃତ ବେସରକାରୀ ଡାକ୍ତରଖାନାଗୁଡିକର ତାଲିକା କିପରି ପାଇପାରିବେ ?**

ପଞ୍ଜୀକୃତ ନମ୍ବର ଆଣ୍ଡ୍ ନାମ ବେସରକାରୀ ଡାକ୍ତରଖାନାଗୁଡିକର ତଥ୍ୟ "bsky.odisha.gov.in" ୱେବ୍ ପୋର୍ଟାଲ୍‌ରେ ଉପଲବ୍ଧ । ଜଣେ ଉପଭୋକ୍ତା ଉକ୍ତ ୱେବ୍ ପୋର୍ଟାଲ୍‌ରୁ ଉଭୟ ରାଜ୍ୟ ଭିତରେ କିମ୍ବା ବାହାରେ ଥିବା ଡାକ୍ତରଖାନାଗୁଡିକର ବିବରଣୀ ପାଇପାରିବେ ।

**୧୨) ପରିବାରର ପୁରୁଷ ଏବଂ ମହିଳା ସଦସ୍ୟଙ୍କ ପାଇଁ ଆମେ ବାର୍ଷିକ କେତେ ଟଙ୍କାର ଚିକିତ୍ସା ସୁବିଧା ପାଇପାରିବା ?**

୨୦୨୧ ମସିହା ସେପ୍ଟେମ୍ବର ୧ ତାରିଖରୁ ସମସ୍ତ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସ୍ମାର୍ଟ କାର୍ଡ ଧାରୀଙ୍କ ପରିବାର ସଦସ୍ୟଙ୍କ ଚିକିତ୍ସା ସମ୍ବନ୍ଧୀୟ ଖର୍ଚ୍ଚ (ପରିବାର ପିଛା ବାର୍ଷୀକ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ) ସରକାର ବହନ କରିବେ । ଏହି ୫ ଲକ୍ଷ ଟଙ୍କାର ଉପଯୋଗ ହୋଇଗଲା ପରେ ପରିବାରର ମହିଳା ସଦସ୍ୟମାନଙ୍କ ନିମନ୍ତେ ବାର୍ଷିକ ଅତିରିକ୍ତ ୫ ଲକ୍ଷ ଟଙ୍କାର ଚିକିତ୍ସା ସହୟତା ମିଳିପାରିବ । ଏହି ଚିକିତ୍ସା ସହାୟତା ରାଜ୍ୟ ଭିତରେ ଏବଂ ରାଜ୍ୟ ବାହାରେ ଥିବା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ପଞ୍ଜୀକୃତ ବେସରକାରୀ ଡାକ୍ତରଖାନାରେ ମିଳିପାରିବ ।

**କ.** ଯଦି ଜଣେ ପୁରୁଷ ସଦସ୍ୟ ଅସୁସ୍ଥ ରହିକି BSKY ସ୍ମାର୍ଟ ହେଲଥ କାର୍ଡରୁ ୩ ଲକ୍ଷ ଟଙ୍କା ଖର୍ଚ୍ଚ କରିସାରିଛନ୍ତି ଏବଂ ତା'ପରେ ଜଣେ ମହିଳା ସଦସ୍ୟ ଅସୁସ୍ଥ ହୁଅନ୍ତି, ତେବେ ସେ କାର୍ଡ ମାଧ୍ୟମରେ ୭ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସହାୟତା ପାଇପରିବେ ।

**ଖ.** ଯଦି ପୁରୁଷ ସଦସ୍ୟ ଅସୁସ୍ଥ ନ ହୋଇ କେବଳ ମହିଳା ସଦସ୍ୟ ଅସୁସ୍ଥ ହୁଅନ୍ତି ତେବେ ସେ କାର୍ଡ ମାଧ୍ୟମରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସହାୟତା ପାଇପରିବେ ।

**ଗ.** ଯଦି ମହିଳା ସଦସ୍ୟ ଅସୁସ୍ଥ ହୋଇ BSKY ସ୍ମାର୍ଟ ହେଲଥ କାର୍ଡରୁ ୩ ଲକ୍ଷ ଟଙ୍କା ନିଷ୍କାସନ କରନ୍ତି, ଏବଂ ତା'ପରେ ପୁରୁଷ ସଦସ୍ୟ ଅସୁସ୍ଥ ହୁଅନ୍ତି, ତେବେ ସେ କାର୍ଡ ମାଧ୍ୟମରେ ୨ ଲକ୍ଷ ଟଙ୍କା ଚିକିତ୍ସା ସହାୟତା ପାଇପରିବେ ।

**୧୩) ଏହି ଯୋଜନାର ଦେୟମୁକ୍ତ ଯୋଗାଯୋଗ ବ୍ୟବସ୍ଥା ଅଛି କି ?**

ଯୋଜନା ସମ୍ବନ୍ଧୀୟ ସବିଶେଷ ତଥ୍ୟ ତଥା ଅଭିଯୋଗ ଲାଗି ଯେକୌଣସି ବ୍ୟକ୍ତି ଯେକୌଣସି ସମୟରେ (୨୪/୭) ଦେୟମୁକ୍ତ ଯୋଗାଯୋଗ ନଂ. **୧୦୪** ରେ ସଂପର୍କ କରିପାରିବେ । ଏହା ବ୍ୟତୀତ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧିନରେ ଥିବା ପଞ୍ଜୀକୃତ ଘରୋଇ ଚିକିତ୍ସାଳୟ ସଂପର୍କିତ ସବିଶେଷ ତଥ୍ୟ ପାଇପାରିବେ । ଏହା ବ୍ୟତୀତ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅର୍ନ୍ତଗତ ସମସ୍ତ ବିବରଣୀ www.health.odisha.gov.in, www.bsky.odisha.gov.in ଏବଂ www.nhmorissa.gov.in ୱେବସାଇଟ୍‌ରେ ଉପଲବ୍ଧ ।

**୧୪) "ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା"ର ସେବା ସଂପର୍କରେ ଜନ ସାଧାରଣଙ୍କର ମତାମତ ସଂଗ୍ରହ କରିବା ନିମନ୍ତେ ବ୍ୟବସ୍ଥା ଅଛିକି ?**

ରାଜ୍ୟର ପ୍ରତ୍ୟେକ ଜନ ସାଧାରଣଙ୍କର ସମ୍ମାନକୁ ସୁନିଶ୍ଚିତ କରି ସେମାନଙ୍କ ନିକଟରେ ସମସ୍ତ ସରକାରୀ ଯୋଜନାର ସୁବିଧା ପହଞ୍ଚାଇବା ନିମନ୍ତେ ମାନ୍ୟବର ମୁଖ୍ୟମନ୍ତ୍ରୀ ସବୁବେଳେ ପ୍ରଶାସନକୁ ନିର୍ଦ୍ଦେଶ ଦେଇ ଆସୁଛନ୍ତି । ଏଥିନିମନ୍ତେ ହିତାଧିକାରୀ ଏବଂ ଯୋଜନାର କାର୍ଯ୍ୟାନ୍ୱୟନରେ ସାମିଲ ଥିବା ସମସ୍ତ ଅଂଶୀଦାରମାନଙ୍କର ଯୋଜନାରୁ ମିଳୁଥିବା ସେବା ସମ୍ବନ୍ଧରେ ମତାମତ "ମୋ ସରକାର" କାର୍ଯ୍ୟକ୍ରମ ମାଧ୍ୟରେ ସିଧାସଳଖ ଭାବେ ସଂଗ୍ରହ କରାଯାଉ ଅଛି ।

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମଧ୍ୟ ରାଜ୍ୟ ସରକାର ହିତାଧିକାରୀ ଏବଂ ଡାକ୍ତରଖାନା ମାନଙ୍କଠାରୁ ଯୋଜନାର କାର୍ଯ୍ୟାନ୍ୱୟନ ସମ୍ବନ୍ଧରେ ମତାମତ ସିଧାସଳଖ ସଂଗ୍ରହ କରିବେ । ନାଗରିକମାନେ ମଧ୍ୟ ମୋ ସରକାର କଲ୍ ସେଣ୍ଟର ନଂ ୧୪୫୪୫ ମାଧ୍ୟମରେ ନିଜର ମତାମତ ପ୍ରଦାନ କରିପାରିବେ ।